# Akashvani, Sambalpur

## SAMBALPURI NEWS EVENING BULLETIN

## 2 May 2026-7.02- 7.12 pm.

---

୧- ଶିକ୍ଷା କ୍ଷେତ୍ରର୍ ଜଡ଼ତାକେ ଦୂର୍ କରିକରି ରାଜ୍ୟକେ ବିଶ୍ୱସ୍ତରୀୟ କରାଯିବା- କହେଲେ ମୁଖ୍ୟମନ୍ତ୍ରୀ ।

- ଜାତୀୟ ଶିକ୍ଷାନୀତି ୨୦୨୦ କେ ନେଇକରି ଭୁବ୍‌ନେଶ୍ୱର୍ ନ ମୁଲ୍ ହେଲା ୨ ଦିନିଆ କର୍ମଶାଳା ।

୨- ମୌସୁମୀ ଆଉ ଅଣମୌସୁମୀ ଋତୁଥି ମହାନଦୀ ନ ପାଏନ୍ ଯିବାର୍ ବାବ୍‌ଦେ ଟ୍ରିବ୍ୟୁନାଲ୍‌କେ ଜନାଲେ ଓଡ଼ିଶା ଆଉ ଛତିଶ୍‌ଗଡ଼୍ ।

- ଇ ମାସର୍ ୩୦ ତାରିଖ୍ ଦିନ ହେବା ଆଏବା ଶୁଣାଣି ।

୩- ପ୍ରସାର୍ ଭାରତୀର ଅଧ୍ୟକ୍ଷ ଭାବେ ନିଯୁକ୍ତ ହେଲେ ଯୋଗାଯୋଗ ବିଶେଷଜ୍ଞ ପ୍ରସୂନ୍ ଯୋଷୀ ।

ଆଉର୍

୪- ବାହାର୍‌ଲା ମେଟ୍ରିକ୍ ପରୀକ୍ଷାଫଲ୍ ।

- ରାଏଜେ ପାସ୍ ହାର୍ ୯୫ ଦଶ୍‌ମିକ୍ ୩/୩ ପ୍ରତିଶତ୍ ।

## ଜାତୀୟ ଶିକ୍ଷାନୀତି କର୍ମଶାଳା ଆଇ.ଆଣ୍ଡ୍.ପି.ଆର୍

ଜାତୀୟ ଶିକ୍ଷାନୀତି ୨୦୨୦ ର କାର୍ଯ୍ୟକାରିତା ଆଉ କାର୍ଯ୍ୟାନ୍ୱୟନ୍‌କେ ନେଇକରି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ର କନ୍‌ଭେନ୍‌ସନ୍ ସେଂଟର୍ ନ ଆଏଜ୍ ୨ ଦିନିଆ କର୍ମଶାଳା ମୁଲ୍ ହେଇଛେ । ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଆୟୋଜିତ୍ ହେଇଥିବା ଇ ଦୁଇଦିନିଆ କର୍ମଶାଳାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଓଡ଼ିଶାକେ ଭାରତ୍‌ର ଜ୍ଞାନ୍‌ର ପ୍ରେଣ୍ଣସ୍ଥଳୀ ଭାବେ ଗଢ଼୍‌ବାର୍ ଲକ୍ଷ୍ୟ ବାବ୍‌ଦେ ଆଲୋଚନା କରିକରି କହିଛନ୍, ଶିକ୍ଷା କ୍ଷେତ୍ରର୍ ଜଡ଼ତାକେ ଦୂର୍ କରିକରି ରାଜ୍ୟକେ ବିଶ୍ୱସ୍ତରୀୟ କରାଯିବା ଆଉ ଛାତ୍ରଛାତ୍ରୀମାନେ 'ଇଣ୍ଡିଷ୍ଟ୍ରି ରେଡ଼ି' ହେବେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଚଲ୍‌ତି ଆର୍ଥିକ୍ ବଛ୍‌ରେ ଶିକ୍ଷା ଲାଗି ୪୧ ହଜାର୍ ୨ ଶହ ୭୩ କୋଟି ଟଙ୍କା ବ୍ୟୟବରାଦ୍ ହେଇଥିବାର୍ ବେଲେ ଗୋଦାବରିଶ

ମିଶ୍ର ଆଦର୍ଶ ବିଦ୍ୟାଲୟ ଯୋଜ୍ନାଥି ୬ ହଜାର୍ ୭ ଶହ ୯୪ ଗ୍ରାମ୍ ପଂଚାୟତ୍ନ ଆଧୁନିକ୍ ବିଦ୍ୟାଲୟ ଥାପ୍ନା କରାଯିବା ।

ଉଚ୍ଚଶିକ୍ଷାଥି ଏସ୍.ଇ/ ବି.ସି. ବର୍ଗ ଲାଗି ୧୧ ଦଶ୍ମିକ୍ ୨/୫ ପ୍ରତିଶତ୍ ସଂରକ୍ଷଣ୍ ଆଉ ଏସ୍.ଟି ଛାତ୍ରଛାତ୍ରୀମାନ୍କର୍ ଲାଗି ଆର୍ଥିକ୍ ସାହାଜ୍ ବ୍ୟବସ୍ଥା ଭିଲ୍ କରାଯାଇଛେ ।

ମାତୃଭାଷାଥି ଶିକ୍ଷାକେ ତହଁକାବାର୍ ଲାଗି ଇଗ୍ନୁ ସହେତେ ଗୁଟେ ଚୁକ୍ତି ଭିଲ୍ ସ୍ୱାକ୍ଷରିତ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶକ୍ତିଶ୍ରୀ ମୋବାଇଲ୍ ଆପ୍ ଆଉ ମୁଖ୍ୟମନ୍ତ୍ରୀ ଇଂଟନ୍ସିପ୍ ନିର୍ଦ୍ଦେଶିକା ବହି ଉନ୍ମୋଚନ୍ କରିଛନ୍ ।

କାର୍ଯ୍ୟକ୍ରମ୍ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ଜ୍ଞାନଭୂମି ହିସାବେ ଓଡ଼ିଶା ପୁର୍ନା ସମିଆନୁ ସାରା ପୁର୍ଥିକେ ବାଟ୍ ଦେଖଉଛେ ବଲି କହିଛନ୍ । ସଂସ୍କୃତି ଆଉ ଶିକ୍ଷାର୍ ତାଲ୍ମେଲ୍ଥି ଓଡ଼ିଶାର୍ ଖାସ୍ ପରିଚୟ ରହିଛେ ଆଉ ୨୦୩୬ ମସିହାତକ୍ ମୋଟ୍ ପଞ୍ଜିକରଣ୍ ଅନୁପାତ - ଜି.ଇ.ଆର୍ ଜାତୀୟ ହାରକେ ପାର୍ କର୍ବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍, ରାଜ୍ୟର୍ ଉପାନ୍ତ ଆଉ ଦୂରିଆ ଇଲାକାର୍ ବ୍ଲକ୍ ମାନ୍‌କେ ଉଚ୍ଚଶିକ୍ଷା ବ୍ୟବସ୍ଥା ନାଇଁଥିବା ୧୮ ଟା ବ୍ଲକ୍ ନ ସର୍‌କାରୀ ମହାବିଦ୍ୟାଳୟ ଖୁଲାଯାଇଛେ । ସେ କହିଛନ୍, ବାମପନ୍ଥୀ ପ୍ରଭାବିତ୍ ଇଲାକା ନ ଗ୍ରାମୋଦୟ ଯୋଜ୍‌ନା ଜରିଏ ଶିକ୍ଷାର୍ ବିସ୍ତାର୍ କରାଯାଇଛେ ।
(ଭଏସ୍ ଓଭର୍- ସୂର୍ଯ୍ୟବଂଶୀ ସୂରଜ୍)

ମହାନଦୀ ଜଳ ବିବାଦ ଆର୍‌ଏନ୍‌ୟୁ/ କଟକ୍

ମହାନଦୀ ଜଳ ବିବାଦ୍ ଟ୍ରିବ୍ୟୁନାଲ୍ ନ ଆଏଜ୍ ମହାନଦୀ ଜଳ ବିବାଦ୍ ମାମ୍‌ଲାର୍ ଶୁଣାଣି ହେଇଛେ । ଟିବ୍ୟୁନାଲ୍‌ଙ୍କର୍ ଆଘର୍ ନିର୍ଦ୍ଦେଶ୍ ଅନ୍‌ସାରେ ଓଡ଼ିଶା ଆଉ ଛତିଶ୍‌ଗଡ଼୍ ତର୍‌ଫୁ ମୌସୁମୀ ଆଉ ଅଣମୌସୁମୀ ଋତୁ ନ ପାଏନ୍ ଛଡ଼ାଯିବା ନେଇକରି ଜନେଇଛନ୍ । ଦୁହି ପକ୍ଷ ଭିତ୍‌ରେ ଆପୋଷ୍ ବୁଝାମଣା ନେଇକରି ବୈଷୟିକ୍ ସ୍ତର୍ ନ ଆଲୋଚନା କର୍‌ବାର୍‌କେ ଟିବ୍ୟୁନାଲ୍‌ଙ୍କୁ ସୂଚ୍‌ନା ଦିଆଯାଇଛେ । ଓଡ଼ିଶା ତର୍‌ଫୁ ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର୍ ଆଚାର୍ଯ୍ୟ

ଟ୍ରିବ୍ୟୁନାଲ୍ ନ ତଥ୍ୟ ଉପସ୍ଥାପନ୍ କରିଥିଲେ । ମହାନଦୀ ଜଳ ବିବାଦ୍ ମାମ୍‌ଲାର୍ ପରବର୍ତ୍ତୀ ଶୁଣାଣି ଇ ମାସର୍ ୩୦ ତାରିଖ୍ ଦିନ ସମିଆ ଧାରିଜ୍ କରାଯାଇଛେ ।

ଗଭର୍ମେଂଟ୍ ଆଲର୍ଟ ସିଷ୍ଟମ                    ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାର୍ ଦେଶ୍‌ବାସୀଙ୍କୁ ବିପର୍ଯ୍ୟୟ ସତର୍କତା ବିଷେ ତୁର୍‌ତି ସୂଚ୍‌ନା ଦେବାର୍ ଲାଗି ଗୁଟେ ସ୍ୱତନ୍ତ୍ର ପଦକ୍ଷେପ୍ ନେଇଛନ୍ । ପ୍ରଯୁକ୍ତିବିଦ୍ୟା ଆଧାର୍‌ଥି ସେଲ୍ ପ୍ରସାରଣ ବ୍ୟବସ୍ଥା ମୁଲ୍ ହେଇଛେ । ଇ ପଦକ୍ଷେପ୍ ଅଧୀନ୍‌ଥି ପରୀକ୍ଷାମୂଳକ୍ ଭାବେ ଆଏଜ୍ ମଏଧାନେ ଲୋକ୍‌ମାନ୍‌କର୍ ମୋବାଇଲ୍‌କେ ସାଇରନ୍ ସତର୍କତା ସହେତେ ସୂଚ୍‌ନା ଦିଆଯାଇଛେ । ପରୀକ୍ଷଣ୍ ବ୍ୟବସ୍ଥାଥି ଦିଆଯାଇଥିବା ବାର୍ତାଥି କୁହାଯାଇଛେ, ସତର୍କ ରହୁନ୍, ସୁରକ୍ଷିତ୍ ଦେଶ ଆଉ ବାର୍ତା ପାଏବାର୍ ଉତ୍‌ରୁ କେନ୍‌ସି କାର୍ଯ୍ୟାନୁଷ୍ଠାନ୍ ର ଆବଶ୍ୟକତା ନାଇଁନ । ଇଟା ଗୁଟେ ପରୀକ୍ଷାମୂଳକ୍ ବାର୍ତା ବଲିକରି ଉଲ୍ଲେଖ ରହିଛେ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍‌ଥି ଯୋଗାଯୋଗ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ

ସିନ୍ଧିଆ କହିଛନ୍, ଇ ବାର୍ତା ପାଉଥିବା ଲୋକ୍‌ମାନେ ଡର୍‌ବାର୍ କେନ୍‌ସି କାରଣ୍ ନାଇଁନ । ପ୍ରଯୁକ୍ତିବିଦ୍ୟା ଆଧାରିତ୍ ମୋବାଇଲ୍ ଜରିଏ ପରୀକ୍ଷାମୂଲକ୍ ଭାବେ ବିପର୍ଯ୍ୟୟର୍ ସତର୍କତା ନେଇକରି ଏନ୍ତା ବାର୍ତା ଦିଆଯାଉଛେ । ସୂରସଂଚାର୍ ବିଭାଗ୍ ତର୍‌ଫୁ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କର୍ ସାହାଜ୍‌ଥି ଇ ବ୍ୟବସ୍ଥାର୍ ବିକାଶ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ୨ ନମ୍ବର୍ ୟୁନିଟ୍ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ଆଏବା ୪ ତାରିଖ୍ ସୋମ୍‌ବାର୍ ଦିନ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ବନ୍ୟା ବାତ୍ୟାର୍ ମୁକାବିଲା ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ବନ୍ୟା ବାତ୍ୟାର୍ ମୁକାବିଲା ଲାଗି ତିଆର୍ ଅଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ଓଡ଼ିଶା ହେଉଛେ ବାତ୍ୟା ବନ୍ୟା ଆଉ ଗ୍ରୀଷ୍ମପ୍ରବଣ ରାଜ୍ୟ । ଇ ମାସ ୨ ନମ୍ବର୍ ହପ୍ତା ଆଡ଼୍କେ ଲଘୁଚାପ୍ ହେବା ବଲି ଗ୍ଲୋବାଲ୍ ଫୋର୍କାଷ୍ଟ ସିଷ୍ଟମ୍ ଆକଲନ୍ କରିଥିବାର୍‌ଟାକେ ନେଇକରି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଏପ୍ରିଲ୍ ମାସେ ଝଡ଼ ହେବା ଆଉ ମେ ମାସେ ବାତ୍ୟା ହେବାର୍ ସମ୍ଭାବନା ଥିସି ବଲି କହିଛନ୍ । ହେଲେ ରାଜ୍ୟ ସର୍କାର୍ ଇସବୁର୍ ମୁକାବିଲା ଲାଗି ପୁରା ତିଆର୍ ଅଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ହେଲେ ଭାରତୀୟ ପାଣିପାଗ୍ ବିଭାଗ୍ ତର୍ଫୁ ଲଘୁଚାପ୍ ନେଇକରି କେନ୍‌ସି ସୂଚନା ନାଇଁମିଲି ।

ପ୍ରସାର୍ ଭାରତୀର ଅଧ୍ୟକ୍ଷ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ପ୍ରସାର୍ ଭାରତୀର ଅଧ୍ୟକ୍ଷ ଭାବେ ଯୋଗାଯୋଗ ବିଶେଷଜ୍ଞ ପ୍ରସୂନ୍ ଯୋଷୀଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛେ । ତାଙ୍କର୍ ନିଯୁକ୍ତି ବାବ୍‌ଦେ ସୂଚନା, ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ଶ୍ରୀ ଯୋଷୀ ଝନେ ବିଶିଷ୍ଟ ସୃଜନଶୀଳ ବ୍ୟକ୍ତିତ୍ୱ । ଶ୍ରୀ ଯୋଷୀଙ୍କର୍ କାମ୍ ବିଜ୍ଞାପନ୍, ସାହିତ୍ୟ ଆଉ ସିନେମା କ୍ଷେତ୍ରଥି ବିଶ୍ୱସ୍ତର୍ ନ ପ୍ରଶଂସିତ୍ ହେଇଛେ । ତାଙ୍କର୍ ନେତୃତ୍ୱଥି ପ୍ରସାର୍ ଭାରତୀ ନୂଆଁ ଉର୍ଜା ଆଉ ସୃଜନଶୀଳତା ସହେତେ ଆଗ୍‌କେ ଯିବା । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରୀ ଯୋଷୀ ମୁମ୍ବାଇର ସେନ୍‌ସର୍ ବୋର୍ଡ଼ର ଅଧ୍ୟକ୍ଷ ଭାବେ କାମ୍ କରିଥିଲେ ।

ମେଟ୍ରିକ୍ ପରୀକ୍ଷାଫଲ୍ ଏକ୍ସ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ମେଟ୍ରିକ୍ ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । କଟକ୍ ବୋର୍ଡ଼ କାର୍ଯ୍ୟାଳୟ ନ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷାଫଲ୍ ପୁସ୍ତିକାକେ ଉନ୍ମୋଚନ୍ କରିଛନ୍ । ଇ ବଛର୍ ମେଟ୍ରିକ୍ ପରୀକ୍ଷା ପାସ୍

ହାର ୯୫ ଦଶ୍ମିକ୍ ୩/୩ ପ୍ରତିଶତ୍ ରହିଛେ । ମୋଟ୍ ୫ ଲାଖ୍ ୧୯ ହଜାର୍ ୨ ଶହ ୫୧ ଝନ୍ ପରୀକ୍ଷାର୍ଥୀ ପାସ୍ କରିଛନ୍ । ୨ ହଜାର୍ ୪ ଶହ ୫୬ ଝନ୍ ପରୀକ୍ଷାର୍ଥୀ ଏ-ୱାନ୍ ଗ୍ରେଡ୍‌ଥି ପାସ୍ କରିଥିବାର୍ ବେଲେ ୧୫ ହଜାର୍ ୬ ଶହ ୮୧ ଝନ୍ ପରୀକ୍ଷାର୍ଥୀ ଏ-ଟୁ ଗ୍ରେଡ୍‌ଥି ପାସ୍ କରିଛନ୍ । ବି-ୱାନ୍ ଗ୍ରେଡ୍‌ଥି ୪୩ ହଜାର୍ ୫ ଶହ ୬୫ ଝନ୍ ପରୀକ୍ଷାର୍ଥୀ ପାସ୍ କରିଥିବାର୍ ବେଲେ ବି-ଟୁ ଗ୍ରେଡ୍‌ଥି ୮୬ ହଜାର୍ ଶହେ ୩ ଝନ୍ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହେଇଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ନ ୯୭ ଦଶ୍ମିକ୍ ୭/୯ ପ୍ରତିଶତ୍ ପାସ୍ କରିଥିବାର୍ ବେଲେ ବୌଦ୍ଧ ନ ୯୫ ଦଶ୍ମିକ୍ ୫/୮ , କଲାହାଣ୍ଡି ନ ୯୭ ଦଶ୍ମିକ୍ ୮/୬, ନୂଆପଡ଼ା ନ ୯୭ ଦଶ୍ମିକ୍ ୮/୭, ବରଗଡ୍ ନ ୯୬ ଦଶ୍ମିକ୍ ୪/୧, ଝାରସୁଗୁଡ଼ା ନ ୯୭ ଦଶ୍ମିକ୍ ୮/୯ , ବଲାଙ୍ଗିର୍ ନ ୯୬ ଦଶ୍ମିକ୍ ୬/୮, ସୁବର୍ଣ୍ଣପୁର୍ ନ ୯୬ ଦଶ୍ମିକ୍ ୨/୧, ସୁନ୍ଦର୍‌ଗଡ୍ ନ ୯୭ ଦଶ୍ମିକ୍ ୪/୮ ଆର୍ ଦେବ୍‌ଗଡ୍ ଜିଲ୍ଲା ନ ୯୬ ଦଶ୍ମିକ୍ ୨/୬ ପ୍ରତିଶତ୍ ଛାତ୍ରଛାତ୍ରୀ ପାସ୍ କରିଛନ୍ ।

ଇତାର୍ ସହେତେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଥି ୧୦ ହଜାର୍ ୪୩ ଝନ୍ ପରୀକ୍ଷା ଦେଇଥିବାର୍ ବେଲେ ୭ ହଜାର୍ ୪ ଶହ

୫ ୯ନ୍ ପାସ୍ କରିଛନ୍ । ସେନ୍ତା ମଧମା ପରୀକ୍ଷା ପାସ୍ ହାର ୮୭ ଦଶ୍ମିକ୍ ୩ ପ୍ରତିଶତ୍ ରହିଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମେଟ୍ରିକ୍ ପରୀକ୍ଷା, ମଧମା ଆର୍ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାଥି ପାସ୍ କରିଥିବା ଛାତ୍ରଛାତ୍ରୀମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ ।

ରାଜସ୍ବ ବିଭାଗ୍ - ଜମିଜମା ରେକର୍ଡ଼ିଂ ଆଇ.ଆର୍ଣ୍ଡ.ପି.ଆର୍

ରାଜସ୍ବ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍ଫୁ ସର୍କାରୀ ଆଉ ବେସର୍କାରୀ ଜମିର୍ ରେକର୍ଡ଼ିଂ ବାବଦ୍ ଏଛେନ୍ ଚାଲୁଥିବା ଏସ୍‌ଓପି ପୁସ୍ତିକା ମାନ୍‌କର୍ ପୁନର୍ବିଚାର୍ ଆଉ ସଂଶୋଧନ୍ କର୍‌ବାର୍ ଲାଗି ଗୁଟେ ଉଚ୍ଚାଦର୍‌ଜାର୍ କମିଟି ଗଠନ୍ କରାଯାଇଛେ । ରାଜସ୍ବ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀ ସର୍କାରୀ ଜମି ଆଉ ରୟତି ଜମିର୍ ରେକର୍ଡ଼ କର୍‌ବାର୍ ପ୍ରଣାଳୀ ଲାଗି ସଂଶୋଧିତ୍ ଏସ୍‌ଓପି ଖସଡ଼ା ତିଆରି ଲାଗି ନିର୍ଦ୍ଦେଶ୍ ଜାରି କରିଛନ୍ । କମିଟିକେ ଇ ଆଦେଶ୍ ଜାରି

ହେବାର୍ ଗୁଟେ ମାସ୍ ଭିତ୍‌ରେ ସଂଶୋଧିତ୍ ଏସ୍‌ଓପି ପୁସ୍ତିକାର୍ ଖସଡ଼ା ସର୍‌କାର୍‌ଙ୍କର୍ ଅନୁମୋଦନ୍ ଲାଗି ଦାଖଲ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ନିର୍ବାହୀ ଅଧିକାରୀଙ୍କୁ ଜରିମାନା ଆର୍‌ଏନ୍‌ୟୁ/ କଟକ୍

ସୂଚନା ଅଧିକାର୍ ଆଇନ୍ ଅନ୍‌ସାରେ ଆବେଦନ୍‌କାରୀଙ୍କୁ ସୂଚ୍‌ନା ଦେବାର୍‌ଥି ଅବମାନନା ଅଭିଯୋଗ୍ ନ ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ୍ ଅଂଚଲ୍ ପରିଷଦ୍‌ର ନିର୍ବାହୀ ଅଧିକାରୀଙ୍କୁ ୫ ହଜାର୍ ଟଙ୍କା ଜରିମାନା ଦେବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଖଡ଼ିଆଲ୍‌ର ଝନେ ଅଧିବାସୀ ସୂଚ୍‌ନା ଅଧିକାର୍ ଆଇନ୍‌ଥି ଆବେଦନ୍ କରିଥିଲେ ଭିଲ୍ ନିର୍ବାହୀ ଅଧିକାରୀ ତଥ୍ୟ ନାଇଁ ଦେଇକରି ସମିଆ ଗଡ଼ଉଥିଲେ । କମିଶନ୍ ତର୍‌ଫୁ ଇ ବାବ୍‌ଦେ ଶୁଣାଣି ଉତ୍‌ରୁ ଜରିମାନା ଦଣ୍ଡାଦେଶ୍ ହେଇଥିବାର୍ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ପ୍ରଭାବ୍ ଆଏବା ୭ ତାରିଖ୍‌ତକ୍ ରହେବା । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ କଲାହାଣ୍ଡି, ସୁନ୍ଦର୍‌ଗଡ୍ ସହେତେ ୧୨ ଟା ଜିଲ୍ଲା ନ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଧୁକାଗର୍ଡ଼ି ସାଙ୍ଗେ ବର୍ଷାର୍ ଅନୁମାନ୍ କରାଯାଇଛେ । କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ରାଜ୍ୟର୍ ସବୁ ଜାଗା ନ ତାପମାତ୍ରା କମିଛେ । ବୌଦ୍ଧ ଠାନେ ଆଏଜ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୪୧ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।